# Akashvani, Sambalpur

## SAMBALPURI NEWS BULLETIN

### 15 October 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ନିବେଶକ ସମ୍ମିଳନୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାକେ ଅଏତ୍‌କା ପୁଞ୍ଜିପତିଙ୍କୁ ଆକୃଷ୍ଟ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ୍ ମାଝୀ ମୁମ୍ବାଇ ଯିବେ । ଆଏବା ୧୭ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୁମ୍ବାଇ ନ ନିବେଶକମାନ୍‌କୁ ଭେଟିକରି ଓଡ଼ିଶା ଆସ୍‌ବାର୍‌କେ ନିମନ୍ତ୍ରଣ୍ କର୍‌ବେ । ଓଡ଼ିଶା ନ ଶିଳ୍ପାୟନ୍ ଲାଗି ଥିବା ସମ୍ଭାବନା ବାବ୍‌ଦେ ଶିଳ୍ପ ବିଭାଗ୍ ତର୍‌ଫୁ ସେନ ଗୁଟେ ରୋଡ୍ ସୋ଼ଥ୍ ଭିଲ୍ ଯୋଗ୍ ଦେବେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପି.ଆଇ.ବି.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ନୂଆଦିଲ୍ଲୀ ନ ସ୍ୱାସ୍ଥ୍ୟସେବା, କୃଷି, ଆର୍ ସ୍ଥାୟୀ ସହର୍ ଉପ୍‌ରେ ୩ ଟା

ଏ.ଆଇ. ସେଂଟର୍ ଅଫ୍ ଏକ୍ସଲେନ୍ସ ଘୋଷ୍ନା କର୍ବେ । ବିକଶିତ୍ ଭାରତ୍ର ସପନ୍କେ ସାକାର୍ କର୍ବାର୍ ଲାଗି ଇ ତିନ୍‌ହି ଉତ୍କର୍ଷ କେନ୍ଦ୍ରକେ ଶୀର୍ଷ ଶିକ୍ଷାନୁଷ୍ଠାନ୍, ଶିଳ୍ପ ଅଂଶୀଦାର୍ ଆର୍ ଷ୍ଟାର୍ଟଅପ୍ ମାନେ ନେତୃତ୍ୱ ଦେବେ । ସେମାନେ ଆନ୍ତଃବିଭାଗୀୟ ଗବେଷଣା, ଅତ୍ୟାଧୁନିକ ଆପ୍ଲିକେସନ୍ ବିକଶିତ ଆଉ ତିନ୍‌ହି କ୍ଷେତ୍ରଥି ଅଏତ୍କା ସମାଧାନ୍ ସୃଷ୍ଟି କର୍ବେ ।

ଜଳପୁରସ୍କାର୍-୨୦୨୩ ଆର୍ଏନ୍ୟୁ / ସମ୍ବଲପୁର

କେନ୍ଦ୍ର ଜଲ୍‌ଶକ୍ତି ମନ୍ତ୍ରଣାଳୟ ତର୍ଫୁ ଗଲାକାଏଲ୍ ୫ ନମ୍ବର୍ ଜାତୀୟ ଜଳପୁରସ୍କାର୍-୨୦୨୩ ଘୋଷ୍ନା କରାଯାଇଛେ । ଜଳ ସଂରକ୍ଷଣ୍ ଦିଗେ ବ୍ୟାପକ୍ କାମ୍ କରୁଥିବାର୍ ଲାଗି ଓଡ଼ିଶାକେ ଶ୍ରେଷ୍ଠ ରାଜ୍ୟ ଭାବେ ମାଏନ୍‌ତା ମିଲିଛେ । ସେନ୍ତା ବଲାଙ୍ଗିର୍‌କେ ଶ୍ରେଷ୍ଠ ଜିଲ୍ଲା, ପୁରୀକେ ଶ୍ରେଷ୍ଠ ସହରାଂଚଲ ସଂସ୍ଥା ଆର୍ ମୟୁର୍‌ଭଞ୍ଜ୍‌ର ଖଇର୍‌ବାଣୀ ଆଶ୍ରମ୍ ସ୍କୁଲ୍‌କେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ମନୋନୀତ କରାଯାଇଛେ । ଇ ୪ ଟା ବର୍ଗଥି ଓଡ଼ିଶା ଜାତୀୟ ଜଳ ପୁରସ୍କାର୍ ପାଏବା । ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ଆଏବା ୨୨ ତାରିଖ୍ ଦିନ ଇ ପୁରସ୍କାର୍ ଦିଆଯିବା ।

ଘରୋଇ ବୃଦ୍ଧାଶ୍ରମ୍-ରିପୋର୍ଟ        ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଚାଲିଥିବା ଘରୋଇ ବୃଦ୍ଧାଶ୍ରମ୍ ମାନ୍କର୍ ବାବ୍ଦେ ୭ ଦିନ୍ ଭିତ୍ରେ ରିପୋର୍ଟ ଦେବାର୍କେ ରାଜ୍ୟ ସର୍କାର୍ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଇ ବାବ୍ଦେ ଚିଠି ଲେଖାଯାଇଛେ । ରାଏଜେ ବହୁତ୍ଟେ ଘରୋଇ ବୃଦ୍ଧାଶ୍ରମ୍ ଅଛେ । ହେଲେ ସେମାନ୍କର୍ ବାବ୍ଦେ ସର୍କାର୍ଙ୍କର୍ ପାଖେ ତଥ୍ୟ ନାଇଁଥିବାର୍ନୁ ସେମାନ୍କୁ ସର୍କାରୀ ଅନୁଦାନ୍ ନାଇଁ ଦିଆଯିବାର୍ । ସେଥିର୍ଲାଗି ଜିଲ୍ଲାମାନ୍କୁ ପରିଚାଲିତ୍ ସବୁ ଘରୋଇ ବୃଦ୍ଧାଶ୍ରମର ପୁରା ବିବରଣୀ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍କେ ୭ ଦିନ୍ ଭିତ୍ରେ ପଠାବାର୍କେ କୁହାଯାଇଛେ ।

ଗାଡ଼ି ସ୍କ୍ରାପ୍        ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଥିବା ୧୫ ବଛର୍ନୁ ଅଏତ୍କା ପୁର୍ନା ଗାଡ଼ି ସ୍କ୍ରାପ୍ କର୍ବାର୍କେ ଚାହୁଁଥିଲେ ବାକି ପାଉଣା ଛାଡ୍ ସମିଆକେ ଆଉ ୨ ବଛର୍ ବଢ଼ାଯାଇଛେ । ଇ ବାବ୍ଦେ ଗଲାକାଏଲ୍ ବାଣିଜ୍ୟ ଆଉ

ପରିବହନ୍ ବିଭାଗ୍ ତର୍‌ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ସଡ଼କ୍ ପରିବହନ୍ ମନ୍ତ୍ରଣାଳୟ ତର୍‌ଫୁ ଜାରି ହେଇଥିବା ମାର୍ଗଦର୍ଶିକା ଅନ୍‌ସାରେ ରାଜ୍ୟ ସର୍‌କାର୍ ୨୦୨୨ ମସିହାଥି ଗାଡ଼ି ସ୍କ୍ରାପ୍ ନୀତି ପ୍ରଣୟନ୍ କରିଥିଲେ । ସେ ଅନ୍‌ସାରେ ୧୫ ବଛର୍‌ନୁ ଅଏତ୍‌କା ପୁର୍‌ନା ଗାଡ଼ି ସ୍କ୍ରାପ୍ କଲେ ବାକିଥିବା ଟିକସ୍ ଜରିମାନା ଛାଡ଼୍ ବ୍ୟବସ୍ଥା ହେଇଥିଲା ।

ଆଇନ୍‌ମନ୍ତ୍ରଣାଳୟ ନିର୍ଦ୍ଦେଶ୍‌ନାମା ଆର୍‌ଏନ୍‌ୟୁ /ସମ୍ବଲପୁର

ନୋଟାରୀମାନେ କରୁଥିବା ବିହା କି ଛାଡ଼ପତର୍ ଦଲିଲ୍ ବୈଧ ନୁହେଁ ବଲି ଆଇନ୍‌ମନ୍ତ୍ରଣାଳୟ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ଯେ, ନୋଟାରୀ ଆଇନ୍ ୧୯୫୨ କି ନୋଟାରୀଜ୍ ରୁଲ୍ ୧୯୫୬ ଅନ୍‌ସାରେ ସେମାନେ ବିହା କି ଛାଡ଼ପତର୍ ବାବଦ୍ ଦଲିଲ୍ ତିଆର୍ କରି ନାଇଁପାରନ୍ । ସେଥିର୍‌ଲାଗି ନୋଟାରୀମାନେ ଇ କାମ୍ ନାଇଁ କର୍‌ବାର୍ ଉଚିତ୍ । ଯଦି ନୋଟାରୀମାନେ ଇ କାମ୍ କର୍‌ବେ ସେଟା ଅବୈଧ ଘୋଷ୍‌ନା କରାଯିବା ଆର୍ ସେ

ନୋଟାରୀମାନ୍‌କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରଣାଲୟ ତର୍‌ଫୁ ସ୍ପଷ୍ଟ କରାଯାଇଛେ ।

ଶିକ୍ଷକ-ଏଡ଼ଭାନ୍ସ ଟଙ୍କା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଶିକ୍ଷକ୍‌ମାନ୍‌କୁ ଘର୍ ବନାବାର୍ ଆର୍ ମଟର୍‌ସାଇକିଲ୍ ଘିନ୍‌ବାର୍ ଲାଗି ଏଡ଼ଭାନ୍ସ ଟଙ୍କା ଦିଆଯିବା । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଏଡ଼ଭାନ୍ସ ଟଙ୍କା ଆବେଦନ୍ ଲାଗି ନିୟମ୍ ବଦ୍‌ଲାଯାଇଛେ । ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶାଳୟମାନ୍‌କେ ଇଥିର୍‌ଲାଗି ଆବେଦନ୍ କରାଯିବା ।

ଡିଜିଟାଲ୍ ପ୍ଲାଟ୍‌ଫର୍ମ ଓଡ଼ିଆ ଭାଷା ଆର୍‌ଏନ୍‌ୟୁ /ସମ୍ବଲପୁର

ଡିଜିଟାଲ୍ ପ୍ଲାଟ୍‌ଫର୍ମଥି ଓଡ଼ିଆ ଭାଷାର୍ ସଠିକ୍ ବେଭାର୍ ସହେତେ ଓଡ଼ିଆ ଲୁକେ ନିଜର୍ ମାତୃଭାଷାଥି ଯେନ୍ତା ସହଜ୍‌ଥି ସବୁ ତଥ୍ୟ ପାଇପାର୍‌ବେ ଆର୍ ପରିପ୍ରକାଶ୍ କରିପାର୍‌ବେ ସେଥିର୍‌ଲାଗି ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଆର୍ ଗୁଗୁଲ୍

ଇଣ୍ଡିଆ ଟିମ୍ ଭିତ୍ରେ ଗଲାକାଏଲ୍ ଆଭାସୀ ଜରିଏ ଗୁଟେ ବୈଠକ୍ ହେଇଯାଇଛେ । ଇଥି ଡିଜିଟାଲ୍ ପ୍ଲାଟ୍ଫର୍ମ ମାନ୍କେ ଓଡ଼ିଆ ଭାଷାର୍ ବେଭାର୍ କେନ୍ତା ସଠିକ୍ ଆର୍ ନିର୍ଭୁଲ୍ କରି ଉପସ୍ଥାପିତ୍ କରାଯାଇପାର୍ବା ସେ ବାବ୍ଦେ ଆଲୋଚନା କରାଯାଇଥିଲା ।

ଆର୍ଥିକ୍ ବିଜ୍ଞାନ୍- ନୋବେଲ୍ ଆର୍ଏନ୍ୟୁ /ସମ୍ବଲପୁର

ଆର୍ଥିକ୍ ବିଜ୍ଞାନ୍ କ୍ଷେତ୍ରଥି ଉଲ୍ଲେଖନୀୟ ଯୋଗଦାନ୍ ଲାଗି ଆମେରିକା ଆର୍ ବ୍ରିଟେନ୍ର ୩ ଝନ୍ ଅର୍ଥଶାସ୍ତ୍ରୀଙ୍କୁ ୨୦୨୪ ବଛର୍ ନୋବେଲ୍ ପୁରସ୍କାର୍ ଦେବାର୍କେ ଘୋଷ୍ନା କରାଯାଇଛେ । ତୁର୍କୀ ନ ବଂଶୋଭବ ଆର୍ ଆମେରିକୀୟ ଡେରୋନ୍ ଏସୋମୋଗଲୁ, ବ୍ରିଟିଶ୍ର ମୁଲ୍ ବାସିନ୍ଦା ଆର୍ ଆମେରିକା ନାଗରିକ ସାଇମନ୍ ଜନ୍ସନ୍ ଆର୍ ବ୍ରିଟେନ୍ର ଜେମ୍ସ ରବିନ୍ସନ୍ଙ୍କୁ ଇ ସମ୍ମାନ୍ ଦିଆଯିବା ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ପର୍ଶ୍ଚିମ୍ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ଆଉ ତାକେ ଲାଗିକରି ଉତର୍ ଆନ୍ଧ୍ରପ୍ରଦେଶ୍ ଉପକୂଳ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି

ହେଇଛେ । ହେଲେ ଓଡ଼ିଶା ନ ଇତାର୍ ପ୍ରଭାବ୍ ନାଇଁ ପଡ଼େ । ସେଆଡ଼େ ଆଏବା ୧୮ ନୁ ୨୦ ତାରିଖ୍ ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇପାରେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।  ଗଲା ରଏବାର୍ ଦିନୁ ବଲାଙ୍ଗିର୍, କନ୍ଧମାଲ୍ ଆର୍ ନୂଆପଡ଼ା ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗାନୁ ଦକ୍ଷିଣ ପର୍ଶ୍ଚିମ ମୌସୁମୀ ବାୟୁ ଫିରିଯାଇଛେ । ଆଏବା ଦୁଇ ଦିନେ ପୁରା ରାଜ୍ୟନୁ ମୌସୁମୀ ବାୟୁ ଫିର୍‌ବାର୍ ଲାଗି ପାଗ୍ ଠିକ୍ ଅଛେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି ଆକଲନ୍ କରିଛନ୍ ।